# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 5 July - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ନେଇ ଆସନ୍ତାକାଲି ନବଗଠିତ କମିଟିର ହେବ ବୈଠକ; କହିଲେ, ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ
- ସମ୍ବଲପୁର ସହରର ଡ୍ରେନେଜ୍ ବ୍ୟବସ୍ଥା ପାଇଁ ପ୍ରସ୍ତୁତ ହେବ ମାଷ୍ଟରପ୍ଲାନ୍; ସୂଚନା ଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଏକଙ୍କ ପରଲୋକ
- ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ଆଜିଠାରୁ ଆରମ୍ଭ ହେଉଛି; ଦିବ୍ୟ କଳାଶକ୍ତି ଓ ଦିବ୍ୟକଳା ମେଳା

ଏବଂ

- ମୌସୁମୀ ପ୍ରଭାବରେ ଆସନ୍ତାକାଲି ବର୍ଷା ହେବା ନେଇ ୧୧ଟି ଜିଲ୍ଲା ପାଇଁ ଜାରି ହେଲା ସତର୍କ ସୂଚନା

## ରତ୍ନଭଣ୍ଡାର

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗଠିତ ନୂତନ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ  କହିଛନ୍ତି, କମିଟିର ବୈଠକ ଆସନ୍ତାକାଲି ଅନୁଷ୍ଠିତ ହେବ। ରତ୍ନଭଣ୍ଡାର ଖୋଲିବା ଏବଂ ମୂଲ୍ୟବାନ ଅଳଙ୍କାରଗୁଡ଼ିକର ଗଣତି-ମଣତି ପାଇଁ ବୈଠକରେ ବିସ୍ତୃତ ଆଲୋଚନା ହେବ ବୋଲି ସେ କହିଛନ୍ତି। କମିଟିର ଅନ୍ୟ ୧୫ ଜଣ ସଦସ୍ୟଙ୍କ ସହ ଆଲୋଚନା କରାଯିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ସେ କହିଛନ୍ତି......

**- V/O - (**ଜଷ୍ଟିସ ବିଶ୍ୱନାଥ ରଥ**)**

## ସୁରେନ୍ଦ୍ର ନାୟକ-ପରଲୋକ

ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାୟକଙ୍କର ଆଜି ପରଲୋକ ହୋଇଛି। ଭୁବନେଶ୍ୱରସ୍ଥିତ ନିଜ ବାସଭବନରେ ୯୫ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। କାକଟପୁର ନିର୍ବାଚନମଣ୍ଡଳୀରୁ ଶ୍ରୀ ନାଏକ ୭ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। କୃଷି ଏବଂ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବରେ ସେ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୭୭ ମସିହାରେ ବିଧାନସଭାର ଉପ ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ। ୨୦୧୯ରୁ ମସ୍ତିଷ୍କାଘାତରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ।

ବିଧାନସଭା ପରିସରରେ ଆଜି ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ ଏବଂ ବିଧାୟକମାନେ ସ୍ୱର୍ଗତଃ ନାୟକଙ୍କର ଆଜି ଶେଷଦର୍ଶନ କରିଛନ୍ତି ।

ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ତାଙ୍କ ଶୋକବାର୍ତ୍ତାରେ ସ୍ୱର୍ଗତ ନାୟକ ଜଣେ ଲୋକପ୍ରିୟ ନେତା ଥିଲେ ବୋଲି କହିଛନ୍ତି। ବିଧାୟକ ଏବଂ ମନ୍ତ୍ରୀ ଭାବରେ ରାଜ୍ୟର ବିଭିନ୍ନ କ୍ଷେତ୍ରର ଉନ୍ନତିରେ ତାଙ୍କରୁ ଗୁରୁତ୍ୱପୂର୍ଣ୍ଣର ଅବଦାନ ରହିଥିଲା ବୋଲି ଶ୍ରୀ ମାଝୀ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଓଡ଼ିଶାବାସୀଙ୍କ ସେବା କାର୍ଯ୍ୟରେ ସ୍ୱର୍ଗତ ନାଏକଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଶ୍ରୀ ପ୍ରଧାନ ସମବେଦନା ଜଣାଇଛନ୍ତି ।

କେନ୍ଦ୍ରମନ୍ତ୍ରୀ **ଜୁଏଲ୍ ଓରାମ** ତାଙ୍କ ଶୋକବାର୍ତ୍ତାରେ ସ୍ୱର୍ଗତଃ ନାଏକ ଜଣେ ଲୋକପ୍ରିୟ ଜନପ୍ରତିନିଧି ଭାବରେ ଅବିସ୍ମରଣୀୟ ହୋଇ ରହିବେ ବୋଲି କହିଛନ୍ତି ।

## ମୁକେଶ ମହାଲିଙ୍ଗ-ଆଲୋଚନା

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଜି ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ରୋଗୀମାନଙ୍କ

ସହ ପରିସ୍ଥିତି ନେଇ ଆଲୋଚନା କରିଛନ୍ତି। କାର୍ଯ୍ୟରତ ମେଡିକାଲ କର୍ମଚାରୀଙ୍କ ସହ ଆଲୋଚନା ସମୟରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ରୋଗୀ ତଥା ରୋଗୀଙ୍କ ସମ୍ପର୍କୀୟଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ବିଧାୟକ ଟଙ୍କଧର ତ୍ରିପାଠୀ ମନ୍ତ୍ରୀଙ୍କ ସହିତ ଏହି ଗସ୍ତରେ ଯାଇଥିଲେ।

# ଦିବ୍ୟ କଳା ମେଳା

ଭାରତ ସରକାରଙ୍କ ସାମାଜିକ ନ୍ୟାୟ  ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନସ୍ଥ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆଜିଠାରୁ ଭୁବନେଶ୍ୱରରେ ଦିବ୍ୟ କଳା ଶକ୍ତି ଓ ଦିବ୍ୟ କଳା ମେଳା ଆରମ୍ଭ ହେଉଛି । ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଏହି କାର୍ଯ୍ୟକ୍ରମ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । କେନ୍ଦ୍ର ସାମାଜିକ, ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ବି.ଏଲ୍.ବର୍ମା ଏହି କାର୍ଯ୍ୟକ୍ରମକୁ ଆଜି ଉଦ୍‌ଘାଟନ କରିବେ। ଦିବ୍ୟାଙ୍ଗଜନଙ୍କ ପାଇଁ କାର୍ଯ୍ୟ କରୁଥିବା ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଓ ଓଡ଼ିଶାର ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଏହି କାର୍ଯ୍ୟକ୍ରମରେ ଭାଗନେଉଛନ୍ତି। ଦିବ୍ୟ କଳାଶକ୍ତି କାର୍ଯ୍ୟକ୍ରମରେ ଏହି ୬ଟି ରାଜ୍ୟର ଦିବ୍ୟାଙ୍ଗଜନ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିପରି ଦିବ୍ୟକଳା ମେଳାରେ ୧୦୯ଜଣ ଦିବ୍ୟାଙ୍ଗ ଶିଳ୍ପୀ, କାରିଗର ଓ ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ ହେବ।

# ରଥଯାତ୍ରା-ଦୂରଦର୍ଶନ

ଶ୍ରୀକ୍ଷେତ୍ର ପୁରୀ ରଥଯାତ୍ରାର ସିଧା ପ୍ରସାରଣ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ଏବଂ ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ପ୍ରସାରଣ କରାଯିବ। ରବିବାର ସକାଳ ୭ଟା ୩୦ ମିନିଟ୍‌ରୁ ରଥଟଣା ଶେଷ ହେବା ଯାଏଁ ଆକାଶବାଣୀ  କଟକ କେନ୍ଦ୍ର ପକ୍ଷରୁ ଧାରା ବିବରଣୀ ପ୍ରସାରଣ କରାଯିବାର ବ୍ୟବସ୍ଥା ହୋଇଛି। ଓଡ଼ିଶାର ସମସ୍ତ ବେତାର କେନ୍ଦ୍ର ମାଧ୍ୟମରେ ଏକା ସମୟରେ ଏହି ଧାରା ବିବରଣୀ ପ୍ରସାରଣ ହେବ।

ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପକ୍ଷରୁ  ରବିବାର ସକାଳ ୯ଟାରୁ ଓଡ଼ିଆରେ ଏବଂ ସକାଳ ୧୦ଟାରୁ ହିନ୍ଦୀ, ଇଂରାଜୀ ଏବଂ ସଂସ୍କୃତ ଭାଷାରେ ଶ୍ରୀକ୍ଷେତ୍ରରୁ ରଥଯାତ୍ରାର ସିଧା ପ୍ରସାରଣ କରାଯିବ।  ଡିଡି ଓଡ଼ିଆ ଏବଂ ଡିଡି ନ୍ୟାସନାଲ ୟୁ-ଟ୍ୟୁବ୍ ଚ୍ୟାନେଲରେ ମଧ୍ୟ ଏହା ଉପଲବ୍ଧ ହେବ।

ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ଶ୍ରୀଜୀଉଙ୍କ ରଥଯାତ୍ରା ଏଥର ୨ଦିନ ଧରି ଅନୁଷ୍ଠିତ ହେଉଥିବାରୁ ଜୁଲାଇ ୮ ତାରିଖ ଦିନ ସକାଳ ୮ଟା ୩୦ରୁ ରଥଟଣାର ସିଧାପ୍ରସାରଣ କରାଯିବ। ସେହିପରି ୯ ତାରିଖରେ ଆଡପମଣ୍ଡପ ବିଜେ, ୧୫ ତାରିଖରେ ବାହୁଡା ଯାତ୍ରା, ୧୬ରେ ସୁନାବେଶ, ୧୭ରେ ଅଧରପଣା ଏବଂ ୧୮ ତାରିଖରେ ନିଳାଦ୍ରୀବିଜେ ନୀତିର ପ୍ରସାରଣ ଭୁବନେଶ୍ୱର ଦୂରଦର୍ଶନ ପକ୍ଷରୁ କରାଯିବାକୁ ବ୍ୟବସ୍ଥା ହୋଇଛି।

## ରଥଯାତ୍ରା ପ୍ରସ୍ତୁତି

ପୁରୀରେ ଆସନ୍ତା ୭ ତାରିଖ ରବିବାର ଦିନ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।

ନବଯୌବନ ଦର୍ଶନ, ନେତ୍ରୋତ୍ସବ ଏବଂ ଗୁଣ୍ଡିଚାଯାତ୍ରା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ନୀତିକାନ୍ତି ସଠିକ୍ ସମୟରେ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି।

ରଥଯାତ୍ରା ଦେଖିବା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରୀ ଆସୁଥିବାରୁ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ରଥଯାତ୍ରା ଦିନ ଶ୍ରୀମନ୍ଦିରକୁ ପ୍ରବେଶ ଲାଗି ବାରଣ କରାଯାଇଛି। ରଥ ଉପରେ ଗହଳି ନକରିବା ଲାଗି ମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତମାନଙ୍କୁ ଅନୁରୋଧ କରାଯାଇଛି ।

## ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

ରଥଯାତ୍ରା ଲାଗି ପୁରୀକୁ ଶ୍ରଦ୍ଧାଳୁଙ୍କ ସହଜ ଗମନାଗମନ ଲକ୍ଷ୍ୟରେ ରେଳବାଇ ପକ୍ଷରୁ ୩୧୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରାଯାଇଛି। ରେଳବାଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଚଳାଚଳକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଥମ ଥର ପାଇଁ କୃତ୍ରିମ ବୁଦ୍ଧିମତା ଏ.ଆଇ. ଆଧାରିତ ସମୟ ନିର୍ଘଣ୍ଟ ବ୍ୟବସ୍ଥା ପ୍ରଚଳନ କରାଯିବ। ଚଳିତବର୍ଷ ପ୍ରାୟ ୧୫ ଲକ୍ଷ ଶ୍ରଦ୍ଧାଳୁ ରଥଯାତ୍ରାରେ ସାମିଲ ହେବା ନେଇ ଆକଳନ କରାଯାଇଛି। ପୂର୍ବରୁ ଚଳାଚଳ କରୁଥିବା ଟ୍ରେନ୍‌ଗୁଡ଼ିକ ସହିତ ଏହି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ପରିଚାଳନା ପାଇଁ ଏ.ଆଇ. ବ୍ୟବସ୍ଥାକୁ ପ୍ରଚଳନ କରାଯିବ ବୋଲି ରେଳବାଇ ସୂଚନା ଦେଇଛି।

## ପିଆଇବି-ଡିଜି

ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ଧୀରେନ୍ଦ୍ର ଓଝାଙ୍କୁ ପତ୍ର ସୂଚନା କାର୍ଯ୍ୟାଳୟ ପିଆଇବିର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି । ଶ୍ରୀ ଓଝା’ ଶେଫାଳି ଶରଣଙ୍କ ସ୍ଥାନରେ ନିଯୁକ୍ତି ପାଇଛନ୍ତି । ଶେଫାଳି ଶରଣଙ୍କୁ ପ୍ରକାଶନ ବିଭାଗର ମହାନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି ।

## ଯୁକ୍ତଦୁଇ ସିଟ୍ ସଂଖ୍ୟା ବୃଦ୍ଧି

ରାଜ୍ୟରେ ଆଉ ୧୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତ ଦୁଇ) ଖୋଲିବା ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏ ନେଇ ସମ୍ପୃକ୍ତ ଘରୋଇ ସଂସ୍ଥାଗୁଡ଼ିକୁ ଅନୁମତି ପ୍ରଦାନ କରିଛନ୍ତି। ଏଥିସହ ଯୁକ୍ତଦୁଇ ସ୍ତରରେ ସିଟ୍ ସଂଖ୍ୟା ମଧ୍ୟ ବୃଦ୍ଧି କରାଯାଇଛି। ବିଭିନ୍ନ ପାଠ୍ୟକ୍ରମରେ ମୋଟ୍ ୬ ହଜାର ୭୮୪ଟି ସିଟ୍ ବୃଦ୍ଧି ପାଇବା ନେଇ ନିଷ୍ପତ୍ତି ହୋଇଛି। ୧୨ଟି ଜିଲ୍ଲାରେ ଖୋଲିବାକୁ ଥିବା ଏହି ୧୮ଟି ଘରୋଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାର ସର୍ବାଧିକ ୬ଟି ଏଥିରେ ଅନ୍ତର୍ଭୁକ୍ତ। ସେହିଭଳି ରାଜ୍ୟର ଅନ୍ୟ ୯ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସିଟ୍ ସଂଖ୍ୟା ବୃଦ୍ଧି ନେଇ ମଧ୍ୟ ଅନୁମତି ପ୍ରଦାନ କରାଯାଇଛି।

## ପାଣିପାଗ

ରାଜ୍ୟରେ ମୌସୁମୀର ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ବିଭିନ୍ନ ଅଂଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ପକ୍ଷରୁ ସୂଚନା ମିଳିଛି। ୧୧ଟି ଜିଲ୍ଲା ପାଇଁ ଆସନ୍ତାକାଲି ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାର ପାଲଲହଡାଠାରେ ସର୍ବାଧିକ ୫୨ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

********************************